# NATIONAL NEWS BULLETIN (ODIA)

## 13 May - 2025

## Morning Bulletin : 7.27 A.M.

**************************************************

## ମୁଖ୍ୟ ସମ୍ବାଦ

- ପାକିସ୍ତାନର ପ୍ରତ୍ୟେକ ପଦକ୍ଷେପକୁ ଭାରତ ସମୀକ୍ଷା କରିବା ସହ ଭବିଷ୍ୟତରେ ଉଚିତ୍ ପଦକ୍ଷେପ ଗ୍ରହଣ କରିବ ବୋଲି କହିଲେ ପ୍ରଧାନମନ୍ତ୍ରୀ ।
- ଅସ୍ତ୍ରବିରତି ବୁଝାମଣାକୁ ଭାରତ ଏବଂ ପାକିସ୍ତାନ ସମ୍ପୂର୍ଣ୍ଣ ରୂପେ ପାଳନ କରିବା ନେଇ ସହମତ ହୋଇଥିବା ସୂଚନା ଦେଲା ଭାରତୀୟ ସେନା ।
- ଅପରେସନ ସିନ୍ଦୂରର ସଫଳତା ନେଇ ବିଜେପି ପକ୍ଷରୁ ଦେଶବ୍ୟାପି ଆଜିଠୁ ଆରମ୍ଭ ହେଉଛି ତ୍ରିରଙ୍ଗା ଯାତ୍ରା ।
- ଆୱାମି ଲିଗ୍ ରାଜନୈତିକ ଦଳର ପଞ୍ଜିକରଣକୁ ରଦ୍ଦ କଲେ ବାଂଲାଦେଶର ନିର୍ବାଚନ ଆୟୋଗ ।

ଏବଂ

- ଆସନ୍ତା ୧୭ ତାରିଖରୁ ଆରମ୍ଭ ହେବ ଆଇପିଏଲ୍ କ୍ରିକେଟର ପରବର୍ତ୍ତି ମ୍ୟାଚ୍ ।

# ପିଏମ୍-ଆଡ୍ରେସ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଅପରେସନ୍ ସିନ୍ଦୂରକୁ ସ୍ଥଗିତ ରଖିବା ଆତଙ୍କବାଦ ବିରୁଦ୍ଧରେ ଭାରତର ପଦକ୍ଷେପର ଶେଷ ନିଷ୍ପତ୍ତି ନୁହେଁ । ପାକିସ୍ତାନର ପ୍ରତ୍ୟେକ ପଦକ୍ଷେପକୁ ଭାରତ ସମୀକ୍ଷା କରିବା ସହ ଭବିଷ୍ୟତରେ ଉଚିତ୍ ପଦକ୍ଷେପ ଗ୍ରହଣ କରିବ ବୋଲି ସେ କହିଛନ୍ତି । ଦେଶବାସୀଙ୍କୁ ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ଗତ ସନ୍ଧ୍ୟାରେ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଅପରେସନ ସିନ୍ଦୂର ଆରମ୍ଭ ହେବାର ତିନି ଦିନ ମଧ୍ୟରେ ଭାରତର ପଦକ୍ଷେପ ସମ୍ପର୍କରେ ପାକିସ୍ତାନ ଅବଗତ ହୋଇଥିଲା । ଭାରତର ଆକ୍ରମଣରେ ପାକିସ୍ତାନର ବହୁ କ୍ଷୟକ୍ଷତି ହୋଇଛି, ଯାହା ତାର କଳ୍ପନାତିତ ଥିଲା ।

ଭାରତର ଏଭଳି ପଦକ୍ଷେପରେ ପାକିସ୍ତାନ ବ୍ୟତିବ୍ୟସ୍ତ ହୋଇ ଅସ୍ତ୍ରବିରତି ପାଇଁ ବିଶ୍ୱ ଗୋଷ୍ଠୀଙ୍କ ସମ୍ମୁଖରେ ନିବେଦନ କରିଥିଲା । ବହୁ କ୍ଷୟକ୍ଷତିର ଫଳସ୍ୱରୂପ ପାକିସ୍ତାନ ଡି.ଜି.ଏମ୍.ଓ. ଭାରତର ଡି.ଜି.ଏମ୍.ଓ.ଙ୍କୁ ଗତ ୧୦ ତାରିଖରେ ଅସ୍ତ୍ର ବିରତି ପାଇଁ ଅନୁରୋଧ କରିଥିଲେ । ପାକିସ୍ତାନ ସମସ୍ତ ପ୍ରକାର ଆତଙ୍କବାଦୀ କାର୍ଯ୍ୟକଳାପକୁ ବନ୍ଦ କରିବାକୁ ପ୍ରତିଶ୍ରୁତି ଦେଇଛି । ଭାରତ ପରିସ୍ଥିତିର ସମୀକ୍ଷା କରିବା ସହ ଭବିଷ୍ୟତରେ ଆତଙ୍କବାଦୀ କାର୍ଯ୍ୟକଳାପ ବିରୁଦ୍ଧରେ ସୀମାପାର ପଦକ୍ଷେପ ଗ୍ରହଣ କରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

**V/O-PM-1**

ପ୍ରଧାନମନ୍ତ୍ରୀ କହିଛନ୍ତି, ଅପରେସନ୍ ସିନ୍ଦୂର କେବଳ ଏକ ନାଁ ନୁହେଁ ବରଂ କୋଟି କୋଟି ଭାରତୀୟଙ୍କ ଭାବାବେଗର ପ୍ରତିଫଳନ । ଏହି ଅପରେସନକୁ ନ୍ୟାୟ ପ୍ରଦାନକାରୀ ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି ।

**V/O-PM-2**

ପ୍ରଧାନମନ୍ତ୍ରୀ କହିଛନ୍ତି, ଆତଙ୍କବାଦ ବିରୁଦ୍ଧରେ ଭାରତର ପଦକ୍ଷେପ ଭାବରେ ଅପରେସନ ସିନ୍ଦୂରକୁ ଏକ ନୀତି ଭାବେ ଗ୍ରହଣ କରାଯାଇଛି । ଆତଙ୍କବାଦ ବିରୋଧୀ ପଦକ୍ଷେପ ପାଇଁ ଅପରେସନ ସିନ୍ଦୂର ଏକ ନୂତନ ମାନକ ପ୍ରସ୍ତୁତ କରିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ପ୍ରଧାନମନ୍ତ୍ରୀ କହିଛନ୍ତି, ଅପରେସନ ସିନ୍ଦୂର ମାଧ୍ୟମରେ ପାକିସ୍ତାନର ଆତଙ୍କବାଦୀ କାର୍ଯ୍ୟକଳାପକୁ ସମର୍ଥନ ନେଇ ସମଗ୍ର ବିଶ୍ୱ ସୂଚୀତ ହୋଇଛି । ପାକିସ୍ତାନ ସେନାବାହିନୀର ଅଧିକାରୀ ମୃତ ଆତଙ୍କବାଦୀଙ୍କ ଅନ୍ତେଷ୍ଟିକ୍ରିୟାରେ ଯୋଗଦେଇ ଏହାକୁ ପ୍ରମାଣିତ କରିଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଭାରତୀୟଙ୍କ ସୁରକ୍ଷାରେ ପ୍ରତିବନ୍ଧକ ସୃଷ୍ଟି କରୁଥିବା ପ୍ରତ୍ୟେକ ପଦକ୍ଷେପ ବିରୁଦ୍ଧରେ ଭାରତ କଡ଼ା ଆଭିମୁଖ୍ୟ ଗ୍ରହଣ କରିବାକୁ ନିଷ୍ପତ୍ତି ନେଇଛି ବୋଲି ପ୍ରଧାନମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ।

ଆତଙ୍କବାଦ କାର୍ଯ୍ୟକଳାପକୁ ନିରନ୍ତର ସହଯୋଗ ପ୍ରଦାନ କରୁଥିବାରୁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ସମାଲୋଚନା କରିଛନ୍ତି । ପାକିସ୍ତାନ ନିଜର ସ୍ଥିତି ବଞ୍ଚାଇ ରଖିବାକୁ ଇଚ୍ଛା କରୁଥିଲେ ଆତଙ୍କବାଦୀ ଭିତ୍ତିଭୂମି ଗୁଡ଼ିକୁ ନଷ୍ଟ କରିବାକୁ ପଡ଼ିବ ବୋଲି ପ୍ରଧାନମନ୍ତ୍ରୀ ଚେତାବନୀ ଦେଇଛନ୍ତି । ଉଭୟ ଦେଶ

ମଧ୍ୟରେ ଶାନ୍ତି ପ୍ରତିଷ୍ଠା ପାଇଁ ଏହା ହେଉଛି ସର୍ବୋତ୍କୃଷ୍ଟ ମାର୍ଗ । ପାକିସ୍ତାନ ସହ ହେବାକୁ ଥିବା ଆଲୋଚନା କେବଳ ଆତଙ୍କବାଦ କାର୍ଯ୍ୟକଳାପ ନେଇ ଉଦ୍ଦିଷ୍ଟ ରହିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

**V/O-PM-3**

ଆତଙ୍କବାଦ ଭିତ୍ତିଭୂମିକୁ ନଷ୍ଟ କରିବା ପାଇଁ ଭାରତୀୟ ସେନାକୁ ପୂର୍ଣ୍ଣ କ୍ଷମତା ପ୍ରଦାନ କରାଯାଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ଅନ୍ୟ ପକ୍ଷରେ ଶତ୍ରୁ ପକ୍ଷର ପଡ଼ୋଶୀ ଡ୍ରୋନ୍ ଏବେ ଭାରତରେ ଦୃଶ୍ୟମାନ ହେଉନାହିଁ ବୋଲି ଭାରତୀୟ ସେନା କହିଛି । ପରିସ୍ଥିତି ସମ୍ପୂର୍ଣ୍ଣ ଶାନ୍ତ ଏବଂ ନିୟନ୍ତ୍ରଣାଧୀନ ରହିଛି ବୋଲି ସେନା ସ୍ପଷ୍ଟ କରିଛି ।

# ଶାହା-ଜୟଶଙ୍କର

ଦେଶର ସୁରକ୍ଷା ଏବଂ ଶତ୍ରୁ ପକ୍ଷର ଭିତ୍ତିଭୂମି ନଷ୍ଟ କରିବାରେ ଭାରତୀୟ ସେନାର ପଦକ୍ଷେପକୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଉଚ୍ଚ ପ୍ରଶଂସା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଶାହା କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦେଶବାସୀଙ୍କୁ ନ୍ୟାୟ ପ୍ରଦାନ ସହିତ ପହଲଗାମ ଆତଙ୍କବାଦୀ ଆକ୍ରମଣ ଘଟଣାର ପ୍ରତିଶୋଧ ନିଆଯାଇଛି । ଏଥିପାଇଁ ସେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଦେଶବାସୀଙ୍କ ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ପ୍ରେରଣାଦାୟକ ବାର୍ତ୍ତା ପ୍ରଦାନ କରିଛନ୍ତି ବୋଲି

କହିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସେ କହିଛନ୍ତି, ଅପରେସନ ସିନ୍ଦୂର ମାଧ୍ୟମରେ ସରକାର ତାଙ୍କର ପ୍ରତିଶ୍ରୁତି ରକ୍ଷା କରିଛନ୍ତି ।

## ଡିଜିଏମ୍‌ଓ-ଟକ୍ସ

ଭାରତ ଓ ପାକିସ୍ତାନର ସାମରିକ ସେନା ଅଭିଯାନର ମହାନିର୍ଦ୍ଦେଶକଙ୍କ ମଧ୍ୟରେ ଗତ ସନ୍ଧ୍ୟାରେ ଅପରେସନ ସିନ୍ଦୂର ପରବର୍ତ୍ତି ସ୍ଥିତି ନେଇ ଆଲୋଚନା ହୋଇଛି । ଭାରତୀୟ ସେନା ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଉଭୟ ପକ୍ଷଙ୍କ ମଧ୍ୟରେ ଅସ୍ତ୍ର ବିରତି ବୁଝାମଣାକୁ ସମ୍ପୂର୍ଣ୍ଣ ରୂପେ ପାଳନ କରିବା ନେଇ ମତ ବିନିମୟ ହୋଇଛି । ପରସ୍ପର ଉପରେ ଆକ୍ରମଣରୁ ନିବୃତ ରହିବା ପାଇଁ ଉଭୟ ପକ୍ଷ ପ୍ରତିଶ୍ରୁତିବଦ୍ଧ ବୋଲି ସେନା କହିଛି । ସୀମା ଏବଂ ଆଗୁଆ ଅଞ୍ଚଳରୁ ସେନା ଅପସାରଣ ନେଇ ଉଭୟ ପକ୍ଷଙ୍କ ମଧ୍ୟରେ ସହମତି ପ୍ରକାଶ ପାଇଥିବା ଭାରତୀୟ ସେନା ସୂଚନା ଦେଇଛି ।

## ବିଜେପି-ତ୍ରିରଙ୍ଗା ଯାତ୍ରା

ଅପରେସନ୍ ସିନ୍ଦୂରର ସଫଳତା ପରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ଆଜିଠାରୁ ଦେଶବ୍ୟାପି ୧୧ ଦିନିଆ ତିରଙ୍ଗା ଯାତ୍ରା ଆରମ୍ଭ କରାଯାଉଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱ ଏବଂ ଭାରତୀୟ ସେନାର ସଫଳ ପଦକ୍ଷେପ ସମ୍ପର୍କରେ ବାର୍ତ୍ତା ନେଇ ବିଜେପି କର୍ମକର୍ତ୍ତା ସାଧାରଣ ଜନତାଙ୍କ

ପାଖରେ ପହଞ୍ଚିବେ । ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ଏହି ଯାତ୍ରା ଜାରି ରହିବ । ଏଥିରେ ପୂର୍ବତନ ସାମରିକ କର୍ମଚାରୀ, ସମାଜସେବୀ ଏବଂ ସମାଜର ବିଭିନ୍ନ ବର୍ଗର ବହୁ ପ୍ରତିଷ୍ଠିତ ବ୍ୟକ୍ତି ଅଂଶଗ୍ରହଣ କରିବେ ।

## ଜେକେ-ସ୍କୁଲ୍ସ

ଜାମ୍ମୁ କାଶ୍ମୀରର ସୀମାବର୍ତ୍ତୀ ଜିଲ୍ଲା ଗୁଡ଼ିକୁ ଛାଡ଼ି ଦେଲେ ଅନ୍ୟ ଅଞ୍ଚଳରେ ଶିକ୍ଷାନୁଷ୍ଠାନ ଆଜିଠୁ ଖୋଲିବା ପାଇଁ ନିଷ୍ପତ୍ତି ନିଆଯାଇଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଜାମ୍ମୁ କାଶ୍ମୀର ଶିକ୍ଷା ମନ୍ତ୍ରୀ ସକିନା ଇତୋ ଏହି ସୂଚନା ଦେଇଛନ୍ତି । ସୀମାପାର ଆକ୍ରମଣ ପରିସ୍ଥିତିର ସମୀକ୍ଷା କରିବା ପରେ ଏହି ନିଷ୍ପତ୍ତି ନିଆଯାଇଥିବା ସେ କହିଛନ୍ତି । ତେବେ ଛାତ୍ରଛାତ୍ରୀ ଏବଂ କର୍ମଚାରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ସୀମାବର୍ତ୍ତୀ ଜିଲ୍ଲା ଗୁଡ଼ିକର ଶିକ୍ଷାନୁଷ୍ଠାନ ବନ୍ଦ ରହିବ ବୋଲି ନିଷ୍ପତ୍ତି ନିଆଯାଇଥିବା ସେ କହିଛନ୍ତି ।

## ବାଂଲାଦେଶ ଇସି-ଏଏଲ୍

ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କ ନେତୃତ୍ୱାଧୀନ ଆୱାମି ଲିଗ୍ ରାଜନୈତିକ ଦଳର ପଞ୍ଜିକରଣକୁ ବାଂଲାଦେଶ ନିର୍ବାଚନ ଆୟୋଗ ରଦ୍ଦ କରିଛନ୍ତି ବୋଲି ଆୟୋଗର ଜଣେ ବରିଷ୍ଠ ପଦାଧିକାରୀ ଏ ସମ୍ପର୍କରେ ସୂଚନା ଦେଇଛନ୍ତି । ଅନ୍ୟ ପକ୍ଷରେ ଆୱାମି ଲିଗ୍ ଏଭଳି ନିଷ୍ପତ୍ତିକୁ

ଅଗ୍ରାହ୍ୟ କରିଛି । ପୂର୍ବରୁ ଦେଶରେ ଆୱାମି ଲିଗ୍ ଦଳର ସମସ୍ତ ପ୍ରକାର କାର୍ଯ୍ୟକ୍ରମକୁ  ନିଷେଧ କରାଯାଇଥିଲା । ବାଂଲାଦେଶର ମଧ୍ୟବର୍ତ୍ତୀକାଳୀନ ସରକାରଙ୍କ କ୍ୟାବିନେଟ୍ ବୈଠକରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଆତଙ୍କବାଦ ବିରୋଧି ଆଇନ୍ ଅଧୀନରେ ଦଳ ବିରୁଦ୍ଧରେ ଏଭଳି ନିଷ୍ପତ୍ତି ନିଆଯାଇଥିବା ସରକାରଙ୍କ ପକ୍ଷରୁ ସ୍ପଷ୍ଟ କରାଯାଇଥିଲା ।

ସୂଚନା ଯୋଗ୍ୟ ଗତ ବର୍ଷ ଅଗଷ୍ଟ ୫ ତାରିଖରୁ ଆୱାମି ଲିଗ୍ ଦଳର ସଭାପତି ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହସିନା କ୍ଷମତାରୁ ଦୂରେଇ ରହିବା ସହ ଏବେ ଅନ୍ୟ ଦେଶରେ ଅବସ୍ଥାନ କରୁଛନ୍ତି । ଏହା ପରେ ନୋବେଲ୍ ପୁରସ୍କାର ବିଜେତା ମହମ୍ମଦ ୟୁନୁସଙ୍କ ନେତୃତ୍ୱରେ ସେଠାରେ ମଧ୍ୟବର୍ତ୍ତୀକାଳୀନ ସରକାର ଗଠନ କରାଯାଇଥିଲା ।

## ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ର ପରବର୍ତ୍ତୀ ମ୍ୟାଚ୍ ଗୁଡ଼ିକ ଆସନ୍ତା ୧୭ ତାରିଖରୁ ଆରମ୍ଭ ହେବ ବୋଲି ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ୍ ବୋର୍ଡ୍ ଘୋଷଣା କରିଛି । ଜୁନ୍ ୩ ତାରିଖରେ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ । ଭାରତ-ପାକିସ୍ତାନ ଉତ୍ତେଜନା ପରିପ୍ରେକ୍ଷୀରେ ଚଳିତ ବର୍ଷର ଆଇପିଏଲ୍ କ୍ରିକେଟ୍ ପ୍ରତିଯୋଗିତା ଗତ ୯ ତାରିଖରୁ ଏକ ସପ୍ତାହ ପାଇଁ ସ୍ଥଗିତ ରଖାଯାଇଥିଲା । ଖେଳ ସୂଚୀ ସହିତ ମ୍ୟାଚ୍ ଖେଳାଯିବାକୁ ଥିବା କେତେକ ସ୍ଥାନରେ ମଧ୍ୟ ପରିବର୍ତ୍ତନ କରାଯାଇଛି ।

ଆସନ୍ତା ୧୭ ତାରିଖରେ ବେଙ୍ଗାଲୁରୁର ଏମ୍. ଚିନ୍ନା ସ୍ୱାମୀ ଷ୍ଟାଡିୟମ୍ ଠାରେ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଓ କୋଲକାତା ନାଇଟ୍ ରାଇଡର୍ସ ମଧ୍ୟରେ ପ୍ରଥମ ମ୍ୟାଚ୍ ଖେଳାଯିବ । ମୋହାଲି ଏବଂ ଧର୍ମଶାଳାରେ କୌଣସି ମ୍ୟାଚ୍ ଅନୁଷ୍ଠିତ ହେବ ନାହିଁ । ଜୟପୁର, ବେଙ୍ଗାଲୁରୁ, ଦିଲ୍ଲୀ, ମୁମ୍ବାଇ, ଲକ୍ଷ୍ନୌ ଏବଂ ଅହମ୍ମଦାବାଦରେ ଟୁର୍ଣ୍ଣାମେଣ୍ଟର ପରବର୍ତ୍ତି ମ୍ୟାଚ୍ ଗୁଡ଼ିକ ଖେଳାଯିବ ବୋଲି ସ୍ପଷ୍ଟ କରିଛି । ପଞ୍ଜାବ କିଙ୍ଗସ୍ ଏବଂ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ଅହମ୍ମଦାବାଦରେ ଖେଳାଯିବାକୁ ଥିବା ପରବର୍ତ୍ତି ମ୍ୟାଚ୍ ଆସନ୍ତା ୨୬ ତାରିଖରେ ଜୟପୁରର ଏସ୍.ଏମ୍.ଏସ୍.  ଷ୍ଟାଡିୟମ୍ ଠାରେ ଖେଳାଯିବ । ୨୯ ତାରିଖ ଠାରୁ ପ୍ଲେ ଅଫ୍ ମ୍ୟାଚ୍ ଗୁଡ଼ିକ ଆରମ୍ଭ ହେବ । ଏହି ମ୍ୟାଚ୍ ଗୁଡ଼ିକ ଖେଳାଯିବାକୁ ଥିବା ଷ୍ଟାଡିୟମ୍ ସମ୍ପର୍କରେ ପରେ ସୂଚନା ପ୍ରଦାନ କରାଯିବ ବୋଲି ବିସିସିଆଇ କହିଛି ।

## ବ୍ୟାଡ୍‌ମିଣ୍ଟନ

ବ୍ୟାଙ୍କକ୍‌ର ପଥୁମ୍‌ୱାନ୍ ଠାରେ ଆଜିଠାରୁ ଥାଇଲାଣ୍ଡ ଓପନ୍ ସୁପର ୫୦୦ ବ୍ୟାଡ୍‌ମିଣ୍ଟନ୍ ପ୍ରତିଯୋଗିତା ଆରମ୍ଭ ହେଉଛି । ଏହି ପ୍ରତିଯୋଗିତାରେ ପୁରୁଷ ବର୍ଗରେ ଭାରତର ଆୟୁଷ ସେଟ୍ଟୀ, ଲକ୍ଷ୍ୟ ସେନ ଓ ପ୍ରିୟାଂଶୁ ରାଜୱତ ଏବଂ ମହିଳା ବର୍ଗରେ ଉନ୍ନତି ହୁଦା ଓ ମାଳବିକା ବଂଶୋଦ ଅଂଶଗ୍ରହଣ କରୁଛନ୍ତି ।

# ଆଇଏମ୍‌ଡି

ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଆଣ୍ଡାମାନ ସାଗର ଏବଂ ଦକ୍ଷିଣ ବଙ୍ଗୋପସାଗର ଓ ଆଣ୍ଡାମାନ ନିକୋବର ଦ୍ୱିପପୁଞ୍ଜକୁ ଆଜି ସ୍ୱର୍ଶ କରିବା ନେଇ ପରିସ୍ଥିତି ଅନୁକୂଳ ରହିଛି ବୋଲି ଭାରତୀୟ ପାଣିପାଗ ବିଭାଗ କହିଛି । ପଶ୍ଚିମବଙ୍ଗର ଗାଙ୍ଗେୟ ଅଞ୍ଚଳ ଏବଂ ଝାଡ଼ଖଣ୍ଡରେ ଆଜି ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେବ ।  ପଶ୍ଚିମବଙ୍ଗର ହିମାଳୟ ପାଦଦେଶ ଅଞ୍ଚଳ ତାମିଲନାଡୁ, ପୁଡୁଚେରୀ ଏବଂ ବିହାର ତଥା ପୂର୍ବ ଉତ୍ତର ପ୍ରଦେଶ ଅଞ୍ଚଳରେ ଆଜି ପ୍ରବଳ ଗ୍ରୀଷ୍ମ ପ୍ରବାହ ସହ ଗୁଳୁଗୁଳି ଅନୁଭୂତ ହେବ ବୋଲି ପାଣିପାଗ ବିଭାଗ କହିଛି । ଅନ୍ୟ ପକ୍ଷରେ ଓଡ଼ିଶା ସମେତ ଉତ୍ତର ପୂର୍ବାଞ୍ଚଳ ରାଜ୍ୟ କେରଳ, କର୍ଣ୍ଣାଟକ, ରୟାଲ୍ ସୀମା, ପୂର୍ବ ରାଜସ୍ଥାନ, କୋଙ୍କଣ ଏବଂ ଗୋଆ, ଗୁଜରାଟ, ମଧ୍ୟ ମହାରାଷ୍ଟ୍ର, ମରାଠୱାଡ଼ା, ଛତିଶଗଡ଼, ବିଦର୍ଭର କେତେକ ଅଞ୍ଚଳରେ ଝଡ଼ବାତ୍ୟା ସହ ମଧ୍ୟମରୁ ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ଅନୁମାନ କରିଛି । ମେଘାଳୟରେ ଅତି ପ୍ରବଳ ବର୍ଷା ହୋଇପାରେ ବୋଲି ପାଣିପାଗ ବିଭାଗ କହିଛି ।